# ୬. ଘୃତକୁମାରୀ

## ଉଦ୍ଭିଦ ପରିଚୟ

ଘୃତକୁମାରୀ ଏକ ଔଷଧୀୟ ଉଦ୍ଭିଦ, ଏହାର ଉଚ୍ଚତା ୧ ଫୁଟରୁ ୨ ଫୁଟ ପର୍ଯ୍ୟନ୍ତ ହୋଇଥାଏ, ପତ୍ର ଗୁଡିକ ୧୫ ଇଂଚ ଲମ୍ବା, ୪ ଇଂଚ ଚଉଡା ଏବଂ ୩/୪ ଇଂଚ ମୋଟା ହୋଇଥାଏ | ଏହାର ବ୍ୟବହାର ସ୍ତ୍ରୀ ରୋଗ, ଚର୍ମ ରୋଗ ଓ ପ୍ରସାଧନସାମଗ୍ରୀ ପ୍ରସ୍ତୁତିରେ ବ୍ୟବହାର କରାଯାଏ | ଭାରତ ର ବିଭିନ୍ନ ପ୍ରଦେଶରେ ଏହାର ନାମକରଣ ଯଥା -

ବେଙ୍ଗଲୀ ନାମ – କୁମାରୀ

ଓଡ଼ିଆ ନାମ – ଘିକୁଆରି

ହିନ୍ଦୀ ନାମ – ଘୃତକୁମାରୀ

ସଂସ୍କୃତ ନାମ – କୁମାରୀ

ଇଂରାଜୀ ନାମ- Aloe vera

## <u>ଚାଷ ପ୍ରଣାଳୀ:</u>

### ଜଳବାୟୁ ଓ ମୃର୍ତ୍ତିକା:

ଘୃତକୁମାରୀ ଆଜିକାଲି ସାରାଦେଶରେ ଚାଷ କରାଯାଉଅଛି, ବିଶେଷ କରି ମହାରାଷ୍ଟ୍ର, ରାଜସ୍ଥାନ, ଗୁଜୁରାଟ ଓ ମଧ୍ୟପ୍ରଦେଶ ରେ ବହୁଳ ମାତ୍ରାରେ  ଚାଷ କରାଯାଉଅଛି | ଏହାର ସବୁଠାରୁ ବଡ ବିଶେଷତା ହେଉଛି ଏହା ବହୁତ କମ ପାଣି ତଥା ଶୁଷ୍କ ଆଦ୍ର ଜଳବାୟୁରେ ସହଜରେ ଚାଷ କରାଯାଇଥାଏ | ଫସଲର ବିକାଶ ନିମନ୍ତେ ଉପଯୁକ୍ତ ତାପମାତ୍ରା ୨୦-୨୨ ଡିଗ୍ରୀ ପରନ୍ତୁ ଏହି ଉଦ୍ଭିଦ ଯେକୌଣସି ତାପମାତରାରେ ଚାଷ କରାଯାଉଅଛି | ଏହାର ଚାଷ ବାଲିଆ ଦୋରସା ପାହାଡିଆ ମାଟି ରୁ ଆରମ୍ଭକରି ସମସ୍ତ ପ୍ରକାର ମାଟିରେ ସଫଳତା ପୂର୍ବକ ଚାଷ କରାଯାଇଥାଏ, କିନ୍ତୁ କୃଷ୍ଣକାର୍ପାସ ମାଟିରେ ଏହାର ଅମଳ ଅଧିକ ହୋଇଥାଏ | ନିଗିଡ଼ା ଜମି ଏବଂ ମାଟିରେ  ପି.ଏଚ ମାତ୍ରା ୮.୫ ପର୍ଯ୍ୟନ୍ତ ଥିବ ତାହା ଏହି ଚାଷ ନିମନ୍ତେ ଉପଯୁକ୍ତ |

### ମୁଖ୍ୟ କ୍ଷେତ ପ୍ରସ୍ତୁତି:

ଘୃତକୁମାରୀର ଚେର ୨୦- ୩୦ ସେ. ମି. ପର୍ଯ୍ୟନ୍ତ ମାଟିର ଭିତରକୁ ବିସ୍ତାରିତ କରିଥାଏ, ତେଣୁ କ୍ଷେତ କୁ ଭଲଭାବରେ ପ୍ରସ୍ତୁତି କରିବା ନିତ୍ୟାନ୍ତ ଆବଶ୍ୟକ | ମେ ମାସରେ କ୍ଷେତ କୁ ୨-୩ ଓର ଗଭୀର ହଳ କରି  ମାଟି ଖରା ଖାଇବାକୁ ଛାଡ଼ିଦେବା ଦରକାର | ପ୍ରଥମ ବର୍ଷା ହେଲା ପରେ କ୍ଷେତରେ ୧୨-୧୫ ଟନ ଶଢା ଗୋବର ଖତ ମିଶାଇ ହଳ କରି ଜମି ସମତୁଲ କରିବାକୁ ହେବ |

**ଉପଯୁକ୍ତ କିସମ:**

ଭାରତରେ ଘୃତକୁମାରୀ ର ଅଧିକ କିସମ ବିକଶିତ ହୋଇନାହିଁ ତଥାପି VIC-111271, VIC-111280, VIC-111269 ଏବଂ VIC-273 ଆଦି କିସମକୁ ଚାଷ କରି ଚାଷୀମାନେ ଲାଭବାନ ହେଉଛନ୍ତି କାରଣ ଏହି କିସମ ଗୁଡିକରେ Alodin ର ମାତ୍ରା ୨୦ ରୁ ୨୩ ପ୍ରତିଶତ ପର୍ଯ୍ୟନ୍ତ ମିଳିଥାଏ |

**ଚାରା ରୋପଣ:**

ଏହାର ରୋପଣ ନିମନ୍ତେ ଉପଯୁକ୍ତ ସମୟ ହେଉଛି ଜୁଲାଇ ଓ ଅଗଷ୍ଟ ମାସ କାରଣ ଏହି ମାସରେ ଚାରା ରୋପଣ କରିଲେ ଜଳସେଚନ ର ଆବଶ୍ୟକତା କମ ପଡିଥାଏ ଓ ଉତ୍ତମ ବୃଦ୍ଧି ହୋଇଥାଏ | ଏହାର ରୋପଣ ୬୦x୬୦ ସେ. ମି.  (ଗଛକୁ ଗଛ ୬୦ ସେ. ମି. ଏବଂ ଧାଡ଼ିକି ଧାଡି ୬୦ ସେ. ମି. ) ଦୂରତାରେ କରାଯାଏ | ହେକ୍ଟର ପ୍ରତି ହାରାହାରି ୩୦,୦୦୦ ଚାରା ଆବଶ୍ୟକ ପଡିଥାଏ |

**ଘାସ ବାଛିବା:**

କ୍ଷେତରୁ ନିୟମିତ ବ୍ୟବଧାନରେ ଘାସ ଓ ଅନାବନା ଗଛ ବାଛିବା ଆବଶ୍ୟକ ପଡିଥାଏ | ଏହାଦ୍ଵାରା କ୍ଷେତ ଅସଫା ରହିବା ସହିତ ହାତରେ ଘାସ ସଫା କରିବା ଦ୍ଵାରା ମାଟି ହାଲୁକା ହୋଇଥାଏ ଯାହାଦ୍ଵାରା ଗଛର ଚେର ବୃଦ୍ଧି ହେବାରେ ଉପଯୁକ୍ତ ବାତାବରଣ ସୃଷ୍ଟି ହୋଇଥାଏ |

**ଜଳସେଚନ ବ୍ୟବସ୍ଥା:**

ଘୃତକୁମାରୀ ପାଇଁ ଅଧିକ ଜଳସେଚନର ଆବଶ୍ୟକତା ପଡ଼ିନଥାଏ | ମାସରେ ଥରେ ଜଳସେଚନ ଏଥିପାଇଁ ଯଥେଷ୍ଟ | ବର୍ଷା ଓ ଶୀତ ଋତୁରେ ପ୍ରାୟ ଜଳସେଚନର ଆବଶ୍ୟକତା ପଡ଼ିନଥାଏ କିନ୍ତୁ ଗ୍ରୀଷ୍ମ ଋତୁରେ ଜଳସେଚନ ଆବଶ୍ୟକ କିନ୍ତୁ ଧ୍ୟାନ ଦେବା ଦରକାର ଯେପରି ଗଛ ମୂଳରେ ପାଣି ଜମି କରି ନରୁହେ |

**ଅମଳ:**

ଘୃତକୁମାରୀ ର ଅମଳ ଚାରା ରୋପଣର ୧ ବର୍ଷପରେ କରାଯାଇଥାଏ | ଏହାର ଅଗପତ୍ରକୁ କୁ ଛାଡ଼ି ନିମ୍ନ ପତ୍ର ଗୁଡିକୁ ଧାରୁଆ ଛୁରୀରେ କଟାଯାଇଥାଏ, କାଟିବା ସମୟରେ ଧ୍ୟାନ ଦେବା ଦରକାର ଯେପରି ଏହାର ପତ୍ରରୁ ରସ ନିଗିଡି ନଯାଏ ଏବଂ ଗଛର କୌଣସି କ୍ଷତି ନହୁଏ | ଏହାର ଅମଳ ୪-୫ ବର୍ଷ ପର୍ଯନ୍ତ ହୋଇଥାଏ, ତାହାପରେ ଏହାର ଅମଳ କମିଯାଇଥାଏ | ହେକ୍ଟର ପ୍ରତି ପ୍ରତି ବର୍ଷ ୫୦୦ ରୁ ୬୦୦ କୁଇଣ୍ଟାଲ ପତ୍ର ଓ ୧୨୫୦୦ ରୁ ୧୫୦୦୦ ଚାରା ଉତ୍ପାଦିତ ହୋଇଥାଏ |

**ବ୍ୟୟ ଅଟକଳ:**

### ୧. ବ୍ୟୟ

| କ୍ର. ସଂଖ୍ୟା | ଖର୍ଚ୍ଚ ବିଶେଷ | ପ୍ରଥମବର୍ଷ ଖର୍ଚ୍ଚ | ଦ୍ଵିତୀୟବର୍ଷ ଖର୍ଚ୍ଚ | ତୃତୀୟବର୍ଷ ଖର୍ଚ୍ଚ | ଚର୍ତୁଥବର୍ଷ ଖର୍ଚ୍ଚ | ପଞ୍ଚମବର୍ଷ ଖର୍ଚ୍ଚ |
|---|---|---|---|---|---|---|
| ୧. | ଚାରା କ୍ରୟ (୩୦୦୦୦ @ ୫.୦୦ ଟଙ୍କା) | ୧,୫୦,୦୦୦ | - | - | - | - |
| ୨. | କ୍ଷେତ ପ୍ରସ୍ତୁତି | ୫,୨୫୦ | - | - | - | - |
| ୩. | ଖତ ପ୍ରୟୋଗ | ୯,୩୭୫ | ୩,୧୨୫ | ୩,୧୨୫ | ୩,୧୨୫ | ୩,୧୨୫ |
| ୪. | ଚାରା ରୋପଣ | ୬,୨୫୦ | - | - | - | - |
| ୫. | ଜଳସେଚନ | ୩,୦୦୦ | ୩,୦୦୦ | ୩,୦୦୦ | ୩,୦୦୦ | ୩,୦୦୦ |
| ୬. | ଘାସ ବଛା | ୩,୦୦୦ | ୩,୦୦୦ | ୩,୦୦୦ | ୩,୦୦୦ | ୩,୦୦୦ |
| ୭. | କୀଟନାଶକ | ୨,୫୦୦ | ୨,୫୦୦ | ୨,୫୦୦ | ୨,୫୦୦ | ୨,୫୦୦ |
| ୮. | ଅମଳ | ୫,୦୦୦ | ୫,୦୦୦ | ୫,୦୦୦ | ୫,୦୦୦ | ୫,୦୦୦ |
| ୯. | ପେକେଜିଙ୍ଗ | ୭,୫୦୦ | ୭,୫୦୦ | ୭,୫୦୦ | ୭,୫୦୦ | ୭,୫୦୦ |
| | **ମୋଟ** | **୧,୯୧,୮୭୫.୦୦** | **୨୪,୧୨୫.୦୦** | **୨୪,୧୨୫.୦୦** | **୨୪,୧୨୫.୦୦** | **୨୪,୧୨୫.୦୦** |

### ୨. ଆୟ

| କ୍ର. ସଂଖ୍ୟା | ପରିମାଣ | ବାର୍ଷିକ ଟଙ୍କାର ପରିମାଣ (୧ମ ବର୍ଷ) | ବାର୍ଷିକ ଟଙ୍କାର ପରିମାଣ (୨ୟ ବର୍ଷ ) | ବାର୍ଷିକ ଟଙ୍କାର ପରିମାଣ (୩ୟ ବର୍ଷ) | ବାର୍ଷିକ ଟଙ୍କାର ପରିମାଣ (୪ର୍ଥ ବର୍ଷ) | ବାର୍ଷିକ ଟଙ୍କାର ପରିମାଣ (୫ମ ବର୍ଷ) |
|---|---|---|---|---|---|---|
| ୧. | ପତ୍ର କିଲୋପ୍ରତି ୧୫.୦୦ ଟଙ୍କା x ୬୦୦୦୦ କିଲୋ | ୯,୦୦,୦୦୦ | ୯,୦୦,୦୦୦ | ୯,୦୦,୦୦୦ | ୯,୦୦,୦୦୦ | ୯,୦୦,୦୦୦ |
| ୨. | ଚାରା (କନ୍ଦା) ହେକ୍ଟର ପ୍ରତି ୧୫୦୦୦ ଚାରା @ ୩.୦୦ ଟଙ୍କା ଦ୍ଵିତୀୟ ବର୍ଷ ହେକ୍ଟର | ୪୫,୦୦୦ | ୯୦,୦୦୦ | ୯୦,୦୦୦ | ୯୦,୦୦୦ | ୯୦,୦୦୦ |

| | | | | | | |
|---|---|---|---|---|---|---|
| | ପ୍ରତି ୩୦୦୦୦ ଚାରା (କନ୍ଦା) | | | | | |
| **ମୋଟ** | | **୯,୪୫,୦୦୦** | **୯,୯୦,୦୦୦** | **୯,୯୦,୦୦୦** | **୯,୯୦,୦୦୦** | **୯,୯୦,୦୦୦** |

## ଔଷଧୀୟ ବ୍ୟବହାର:

<u>ରୋଗ ପ୍ରତିରୋଧ ନିମନ୍ତେ</u>

୧ ଚାମଚ ଘୃତକୁମାରୀ ରସ ସହିତ ୧/୨ ଚାମଚ ମହୁ ମିଶାଇ ପ୍ରତ୍ୟହ ସେବନ କରିଲେ ଚର୍ମରୋଗ ଓ ସ୍ତ୍ରୀରୋଗ ହୋଇନଥାଏ |

<u>ଅମ୍ଳପିତ୍ତ</u>

୨ ଚାମଚ ଘୃତକୁମାରୀ ରସରେ ସାମାନ୍ୟ ଚୁନା ମିଶାଇ ପ୍ରତ୍ୟହ ସକାଳୁ ଖାଲି ପେଟରେ ସେବନ କରିଲେ ୧ ମାସ ମଧ୍ୟରେ ଅମ୍ଳପିତ୍ତ ରୋଗ ଭଲ ହୋଇଥାଏ |

<u>ଅଧକପାଳୀ</u>

୧ ଠୋପା ଲେଖାଏ ଘୃତକୁମାରୀ ରସ ପ୍ରତ୍ୟହ ଦିନକୁ ଦୁଇ ଥର ନାକପୁଡାରେ ପକାଇ ଆଘ୍ରାଣ କରିଲେ ଏହି ରୋଗରୁ ଉପଶମ ହୋଇଥାଏ |

<u>ଆମବାତ</u>

୧ ଚାମଚ ଘୃତକୁମାରୀ ରସରେ ୧ ଚାମଚ ଅଦା ରସ ମିଶାଇ ଦିନକୁ ଦୁଇଥର ସେବନ କରିଲେ ଆମବାତ ରୋଗରୁ ଉପଶମ ମିଳିଥାଏ |

<u>ପୋଡା ଘା</u>

ପୋଡା ଘା ରେ ଘୃତକୁମାରୀ ରସ ତୁରନ୍ତ ପ୍ରଲେପ କରିଲେ ଯନ୍ତ୍ରଣା ଉପଶମ ହେବାସହିତ ଘା  ସୁଖୀ ଯାଇଥାଏ |

<u>ଶ୍ୱେତପ୍ରଦର</u>

ଏକ ଚାମଚ ଘୃତକୁମାରୀ ରସ ସହିତ ୧/୨ ଚାମଚ ହଳଦୀ କଳକ ମିଶାଇ ତିନି ମାସ ପର୍ଯ୍ୟନ୍ତ ସେବନ କରିଲେ ଏହି ରୋଗ ଦୂର ହୋଇଥାଏ |

<u>ଅପସ୍ମାର</u>

ଏକ ଲିଟର ଘୃତକୁମାରୀ ରସ କୁ ୨୦୦ ମି. ଲି. ଗୋଘୃତ ରେ ପାକ କରି, ଦୁଇ ଚାମଚ ଲେଖାଏ ଦିନକୁ ଦୁଇ ଥର ଲେଖାଏ ୨୧ ଦିନ ପର୍ଯ୍ୟନ୍ତ ସେବନ କରିଲେ ଏହି ରୋଗ ଦୂର ହୋଇ ଥାଏ |